## ଗୁରୁପ୍ରସାଦ ମହାନ୍ତି ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଉଦ୍‌ଯାପିତ

# 'କବିସନ୍ଧି'ରେ ଶତ୍ରୁଘ୍ନ ପାଣ୍ଡବ




ଭୁବନେଶ୍ୱର,୨୯।୧୧(ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଗୁରୁପ୍ରସାଦ ମହାନ୍ତି ଜନ୍ମ ଶତବାର୍ଷିକୀ ଦ୍ୱିଦିବସୀୟ ଆଲୋଚନାଚକ୍ର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରର ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ସଭା ମୁଖ୍ୟ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଗୁରୁପ୍ରସାଦଙ୍କ ଅଧ୍ୟାପନା କାଳର କଥା କହିଥିଲେ। ଗୁରୁପ୍ରସାଦଙ୍କ କବିତାର ବୈଶିଷ୍ଟ୍ୟ ଏବଂ ଆନ୍ତର୍ଜାତିକ କବିତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ପ୍ରବନ୍ଧ ଉପସ୍ଥାପନ ପୂର୍ବକ ଗୁରୁପ୍ରସାଦଙ୍କ କବିତାର ନୂତନତା ବିଷୟରେ ବର୍ଣ୍ଣନା କରିଥିଲେ ଅଜୟ ସ୍ୱାଇଁ। ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପବିତ୍ର ମୋହନ କର।

ପରେ ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ବିଶିଷ୍ଟ କବି ଦେବଦାସ ଛୋଟରାୟ ଗୁରୁପ୍ରସାଦଙ୍କ ଉପରେ ତାଙ୍କ ପତ୍ନୀ ଅଣିମାଞ୍ଜରୀ ଦେବୀଙ୍କ ପ୍ରେରଣା ସମ୍ପର୍କରେ କହିଥିଲେ। ଗୁରୁପ୍ରସାଦ ମହାନ୍ତିଙ୍କ କବିତାରେ ନାରୀଚେତନା ଶୀର୍ଷକରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି। ଉଦ୍‌ଯାପନୀ ପର୍ବରେ ସଭାପତିତ୍ୱ କରିଥିଲେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ। ଧନ୍ୟବାଦ ଦେଇଥିଲେ ଏକାଡେମୀର କୋଲକାତା ଆଞ୍ଚଳିକ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ। ଏହାପରେ ଅନୁଷ୍ଠିତ 'କବିସନ୍ଧି' କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ସାରସ୍ୱତ ଯାତ୍ରା ସମ୍ପର୍କରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ବିଶିଷ୍ଟ କବି ଶତ୍ରୁଘ୍ନ ପାଣ୍ଡବ। ସେ କହିଥିଲେ, ମହାନାୟକ ଶ୍ରୀକୃଷ୍ଣ, ମହାଶ୍ରମଣ ବୁଦ୍ଧ ଏବଂ ଗାନ୍ଧିଜୀ ତାଙ୍କୁ କବିତା ରଚନା ଦିଗରେ ବିଶେଷ ଭାବରେ ପ୍ରଭାବିତ କରିଛନ୍ତି। ଏହା ସହିତ ସେ ସ୍ୱରଚିତ କବିତା ପାଠ କରିଥିଲେ। ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଗୌରହରି ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।